# ବିନିଯୋଗ ପ୍ରମାଣପତ୍ର ପ୍ରଦାନ ପାଇଁ ବିଧାୟକଙ୍କ ତାଗିଦ

ବାଲେଶ୍ୱର, ୩।୧(ସମିସ)




ବାଲେଶ୍ୱର ଜିଲ୍ଲା ରେମୁଣା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଇଯାଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ପୌରୋହିତ୍ୟରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟତଃ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମିଶନଶକ୍ତି ଯୋଜନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ଜଳସେଚନ, କ୍ଷୁଦ୍ର ଜଳସେଚନ,

**● ରେମୁଣା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**
**● ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ଉପରେ ସମୀକ୍ଷା**

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଠା ଜଳସେଚନ, ଶକ୍ତିବିଭାଗ, ମତ୍ସ୍ୟ ଓ ଗୋପାଳନ, ଖାଦ୍ୟ ଓ ଯୋଗାଣ ବିଭାଗ ଉପରେ ଉଭୟ ରେମୁଣା ଓ ସଦର ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ସମୀକ୍ଷା କରାଯାଇଥିଲା। ଦୀର୍ଘବର୍ଷ ଧରି ସରକାର ମଞ୍ଜୁର କରୁଥିବା ଅର୍ଥକୁ ବିଭିନ୍ନ ବିଭାଗ ଖର୍ଚ୍ଚ କରିଥିଲେ ବି ବିନିଯୋଗ ପ୍ରମାଣପତ୍ର (ୟୁସି) ଅଦ୍ୟାବଧି ଦେଇ ନ ଥିବା ଯୋଗୁ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କିମ୍ବା ଷ୍ଟାଟର୍ସ ରିର୍ପୋଟ ସରକାରଙ୍କୁ ଦେବାଲାଗି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ସଚେତନ କରାଇ ଥିଲେ। ତେବେ ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ବିଧାୟକ ଉଦ୍‌ବେଗ ପ୍ରକାଶ କରିବା ସହ ୭ଦିନ ପରେ ଏହି ବିଭାଗର ପୁନଃ ସମୀକ୍ଷା କରାଯିବ ବୋଲି କହିଥିଲେ। ରେମୁଣା ନିର୍ବାଚନମଣ୍ଡଳୀର ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଗୋଷ୍ଠୀ ଉନ୍ନୟନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର, ନର୍ସ ନିଯୁକ୍ତି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହା ସହିତ କାୟାକଳ୍ପ ଯୋଜନାର କାର୍ଯ୍ୟ ସନ୍ତୋଷଜନକ ହୋଇଥିଲେ ମଧ ଠିକାଦାର ପ୍ରାପ୍ୟ ପାଇ ନ ଥିବାରୁ ତୁରନ୍ତ ଏହି ଅର୍ଥ ଠିକାଦାରଙ୍କୁ ପୈଠ କରିବାକୁ ବିଧାୟକ କହିଥିଲେ। ତେବେ ଏହି ଅର୍ଥ ଠିକାଦାରଙ୍କୁ ପ୍ରଦାନ କରିବାକୁ ନେଇ ପୂର୍ତ୍ତ ବିଭାଗ ଓ ସ୍ୱାସ୍ଥ୍ୟବିଭାଗ ମଧ୍ୟରେ ଉପୁଜି ଥିବା ବିବାଦର ତୁରନ୍ତ ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରେମୁଣାରେ ଅର୍ବାନ ପିଏଚସି ପାଇଁ ଜମି ଚିହ୍ନଟ କୁରୁଣିଆରେ ହୋଇଥିବାବେଳେ ପ୍ରଶାସନ ଏବଂ ତହସିଲଦାର ବାଲଗୋପାଳପୁରରେ ଜମି ଚିହ୍ନଟ କରିଥିବାରୁ ଏହାକୁ ବିଧାୟକ ନାପସନ୍ଦ କରିଥିଲେ। ସେହିପରି ଚଷାଖଣ୍ଡ ଅଙ୍ଗନବାଡ଼ି କେନ୍ଦ୍ର ଏକ ଘରୋଇ ଜମିରେ ଭଡ଼ାଘରେ ଚାଲିଥିବାବେଳେ ଅଙ୍ଗନବାଡ଼ି କର୍ମୀ ସରକାରୀ ଅନୁଦାନରେ ଅଙ୍ଗନବାଡ଼ି ଲାଗି ଆସିଥିବା ଟ୍ୟୁବ୍‌ୱେଲକୁ ଭଡ଼ାଘରେ କିଭଳି ପ୍ରତିଷ୍ଠା କରୁଛନ୍ତି ତାକୁ ନେଇ କିଛି ସରପଞ୍ଚ ବିରୋଧ କରିଥିଲେ। ସେହିପରି କେତେକ ପଞ୍ଚାୟତରେ ଥିବା ଟ୍ୟୁବ୍‌ୱେଲଗୁଡ଼ିକର ପ୍ଲାଟ୍‌ଫର୍ମ ଗୁଡ଼ିକ ନିର୍ମାଣ ସରି ନ ଥିବାରୁ କିଛି ନିର୍ବାଚିତ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିବାରୁ ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ଏସବୁ ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିଲେ ୧୫ଦିନ ମଧ୍ୟରେ ପ୍ଲାଟଫର୍ମ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଳପଦାର ଜାମୁକା ନାଳ ଉପରେ ପୋଲ ନିର୍ମାଣ ପାଇଁ ୬କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲାବେଳେ ଏହି ପ୍ରକଳ୍ପ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ କୌଣସି ସୂଚନା ଦେଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ପୃକ୍ତ ପୋଲ ନିର୍ମାଣକୁ ରୋକିବା ପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କାହିଁକି ଷଡଯନ୍ତ୍ର କରୁଛନ୍ତି ବୋଲି ବିଧାୟକ ପରିଡ଼ା ପ୍ରଶ୍ନ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ସମୀକ୍ଷା ବୈଠକକୁ ନ ଆସି, କାହିଁକି ସହକାରୀ ଯନ୍ତ୍ରୀଙ୍କୁ ପଠାଉଛନ୍ତି ବୋଲି ବିଧାୟକ କହିବା ସହ ୭ଦିନ ପରେ ପୁଣିଥରେ ଏହି ବିଭାଗ ଉପରେ ସମୀକ୍ଷା କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୟଦର୍ଶନୀ ମଲ୍ଲିକ, ରେମୁଣା ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ, ସଦର ବ୍ଲକ ଚେୟାରମ୍ୟାନ୍ ସୁନୀତା ବେହେରା, ରେମୁଣା ବ୍ଲକ ବିଡିଓ ସଂଗ୍ରାମ କେଶରୀ ପରିଡ଼ା, ରେମୁଣା ତହସିଲଦାର ଅନୁପ ବେହେରା, ସଦର ବ୍ଲକ ବିଡିଓ ସମର୍ଜିତ କର, ରେମୁଣା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ଉପାଧାୟ, ସଦର ତହସିଲଦାର ଆଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

**ବାଲେଶ୍ୱର, ୩।୧(ସମିସ):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୩-୨୪ଅନୁଯାୟୀ ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକମାନଙ୍କ ଚୟନ କରାଯାଇ ତୀର୍ଥଯାତ୍ରା ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନ ବାଲେଶ୍ୱରର୨୨୬ ଜଣ, ଭଦ୍ରକର୧୪୬ ଜଣ, ମୟୂରଭଞ୍ଜର୨୪୫ ଜଣ, କେନ୍ଦୁଝରର ୧୭୫ଜଣ ଓ ଯାଜପୁରର୧୭୮ ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରୀ ଜାନୁଆରୀ ୫ତାରିଖ ସକାଳ୧୧ଟା ୩୦ରେ ବାଲେଶ୍ୱର ରେଳ ଷ୍ଟେସନଠାରୁ ଉଜ୍ଜୈୟନ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା କରିବେ। ଏହି ଯୋଜନା ଅଧୀନ ୯୭୦ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ୩୦ଜଣ ଏସ୍କର୍ଟ ଅଧିକାରୀ ଯାତ୍ରା କରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ୪ତାରିଖରେ ଜିଲ୍ଲା ପ୍ରଶାସନ ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କକୁ ଅପରାହ୍ନ୨ଟା ସମୟରେ ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କ ପଞ୍ଜିକରଣ କରାଯାଇ ଭବ୍ୟ ସ୍ୱାଗତ କରାଯିବା ସହ ସରକାରୀ ଭାବେ ସେମାନଙ୍କ ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ଯାତ୍ରା ଦିନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ତୀର୍ଥଯାତ୍ରୀଙ୍କୁ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ବାଦ୍ୟ ମଧ୍ୟରେ ସେମାନଙ୍କୁ ବିଦାୟ କରାଯିବ। ଏହି ତୀର୍ଥଯାତ୍ରାର ଅବଧି ୫ ରାତି ଓ ୬ ଦିନ ମଧ୍ୟରେ ସୀମିତ। ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି। ଏହି ଯୋଜନାରେ ୬୦ରୁ ୭୫ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି। ଏହି ଯୋଜନାର ଆରମ୍ଭରୁ ଆଜି ପର୍ଯ୍ୟନ୍ତ୨୫ଟି ପର୍ଯ୍ୟାୟରେ ସର୍ବମୋଟ ୨୪୬୬୯ଜଣ ବରିଷ୍ଠ ନାଗରିକ ଭାରତ ବର୍ଷର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି। ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ୧୦ଟି ଯାତ୍ରା ମଧ୍ୟରୁ ଏହା ହେଉଛି ପଞ୍ଚମ ଯାତ୍ରା। ଯାତ୍ରାରମ୍ଭ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରାଯାଉଥିବା ବେଳେ ଯାତ୍ରା ସମୟରେ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ସମସ୍ତ ସୁବିଧାର ବ୍ୟବସ୍ଥା କରାଯାଇଥାଏ।

# ବିଏସ୍‌କେୱାଇରେ ୪୭୦୧ ଚକ୍ଷୁରୋଗୀ ଉପକୃତ

**ବାଲେଶ୍ୱର(ଉତ୍ତର), ୩।୧(ସମିସ):** ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରକୁ ସ୍ୱାସ୍ଥ୍ୟକାର୍ଡ ମିଳିଛି। ଏହା ଜରିଆରେ ବିଭିନ୍ନ ଘରୋଇ ହସ୍ପିଟାଲରେ ଲୋକେ ମାଗଣାରେ ବିଭିନ୍ନ ରୋଗର ଜଟିଳ ଅସ୍ତ୍ରୋପଚାର ସହ ବିଭିନ୍ନ ରୋଗର ଚିକିତ୍ସା କରାଇପାରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ସାଧାରଣ ଲୋକଙ୍କ ପାଇଁ ସଞ୍ଜୀବନୀ ପାଲଟିଛି। ଭୋଗରାଇରେ ବୃଦ୍ଧବୃଦ୍ଧାଙ୍କ ଚକ୍ଷୁ ଜନିତ ସମସ୍ୟା ପାଇଁ ସେମାନଙ୍କୁ ଦୂର ଦୁରାନ୍ତକୁ ଯିବାକୁ ପଡୁଥିଲା। ୨୦୨୧ ମସିହାଠାରୁ ଜଳସୋହରିଆ ପାନ ମାର୍କେଟସ୍ଥିତ ବିରକୁଳି ସେବାସଦନ ଆନୁକୂଲ୍ୟରେ ଏବଂ ନର୍ମଦା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ସୂର୍ଯ୍ୟମଣି ନେତ୍ରାଳୟ ଦ୍ୱାରା ଏଠାକାର ଚକ୍ଷୁରୋଗୀ ଏବେ ଉତ୍ତମ ଚିକିତ୍ସା ସେବା ପାଉଛନ୍ତି। ଯେଉଁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କିମ୍ବା ଚକ୍ଷୁରେ ଅନ୍ୟ ରୋଗ ପାଇଁ ଆବଶ୍ୟକ ଥିବା ଅସ୍ତ୍ରୋପଚାର ତଥା ଲେନ୍ସ ଲଗାଇବା ପାଇଁ ଏଠାକାର ବୃଦ୍ଧବୃଦ୍ଧାଙ୍କୁ ଏ ବୟସରେ ଦୂରକୁ ଯିବାକୁ ପଡୁଥିଲା ତଥା ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା ତାହା ଏବେ ସହଜସାଧ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟ ସରକାର ଗରିବଙ୍କ ପାଇଁ ଲାଗୁ କରିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଏଠାରେ ମାଗଣାରେ ସ୍ୱାସ୍ଥ୍ୟ ସେବା ମିଳିପାରୁଛି। ୨୦୨୧ସେପ୍ଟେମ୍ବର ମାସଠାରୁ ଏପର୍ଯ୍ୟନ୍ତ ୨ବର୍ଷ ମଧ୍ୟରେ ଏହି ଚିକିତ୍ସାଳୟରେ ୪୭୦୧ ଜଣ ଚକ୍ଷୁରୋଗୀଙ୍କୁ ଏଠାରେ ଅସ୍ତ୍ରୋପଚାର କରାଯାଇଛି। ଏଠାରୁ ବିଜୁ ସ୍ୱାସ୍ଥ୍ୟ ଯୋଜନା କାର୍ଡ ଜରିଆରେ ମଲାରୁଆ ଗ୍ରାମର ଅମୂଲ୍ୟ ପାତ୍ର, ନାଡ଼ବଣି ଗାଁର ହରେକୃଷ୍ଣ ମିର୍ଦ୍ଧା, ନସିରାବାଦ ଗାଁର ଲକ୍ଷ୍ମୀକାନ୍ତ ପାତ୍ର, କାଳେହି ଗାଁର ସୁବାସିନି ଜେନା, ଜୟରାମପୁର ଗାଁର ଅଞ୍ଜଳି ପ୍ରଧାନ, ଫୁଲବଣୀ ଗାଁର ଖୁକିମଣି ଜେନା, ଝାଡ଼ ସିମିଳିଆ ଗାଁର ପ୍ରଫୁଲ୍ଲ ବେହେରା, ନଇଛନପୁର ଗାଁର ବାସନ୍ତୀ ସାଉ, ପଳାସିଆ ଗାଁର ସବିତା ପାତ୍ର ପ୍ରମୁଖ ଉପକୃତ ହୋଇଛନ୍ତି। ଏଥିପାଇଁ ଏମାନେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରାସ୍ତା କଡ଼ରେ ଖୋଲାଖୋଲି ପଶୁହତ୍ୟା

# ନଥି ଭିତରେ ସୁପ୍ରିମକୋର୍ଟ ମାର୍ଗଦର୍ଶିକା

**ଭୋଗରାଇ, ୩।୧, (ସମିସ):** ରାସ୍ତା କଡ଼ରେ ଖୋଲାଖୋଲି ପଶୁହତ୍ୟା ହେଉଛି। ଏ ନେଇ ଥିବା କଟକଣା ନଥି ଭିତରେ ଚାପି ହୋଇ ରହିଛି। ବିଭିନ୍ନ ମହଲରୁ ବିରୋଧ ହେବା ଏବଂ ଏ ନେଇ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ଦ୍ୱାରା ମାର୍ଗଦର୍ଶିକା ଜାରି କରିଛନ୍ତି। ରାସ୍ତା କଡ଼ରେ ଖୁଲମଖୁଲା ପଶୁହତ୍ୟା ଓ ମାଂସ କାଟି ବିକ୍ରି କରିବା ଉପରେ ଅଙ୍କୁଶ ରହିଛି। ୨୦୧୫ ମାର୍ଚ୍ଚରେ ରାଜ୍ୟ ସରକାର ଏକ ସରକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତତ୍କାଳୀନ ମୁଖ୍ୟ ସଚିବ ଗୋକୁଳ ଚନ୍ଦ୍ର ପତି ଏ ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ରାସ୍ତା କଡ଼ରେ ଅବାଧ ପଶୁହତ୍ୟା ହୋଇପାରିବ ନାହିଁ। ଖୋଲା ସ୍ଥାନରେ ମାଂସ କାଟି ବିକ୍ରି ହେବ ନାହିଁ। ଏହାକୁ ରୋକିବା ଓ ପ୍ରତି ୩ ମାସରେ ଏ ସଂକ୍ରାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଥିଲା; ମାତ୍ର ଇତି ମଧ୍ୟରେ ୯ ବର୍ଷରୁ ଅଧିକ ସମୟ ବିତି ଯାଇଛି। ତଥାପି ଏହି ନିୟମ କାର୍ଯ୍ୟକାରୀ ହୋଇପାରି ନାହିଁ। ଗ୍ରାମାଞ୍ଚଳରେ ଏହି ସମସ୍ୟା ଅଧିକ ଉତ୍କଟ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଖୋଲାଖୋଲି ରାସ୍ତା କଡ଼ରେ ବ୍ୟାପକ ଭାବେ ପଶୁହତ୍ୟା ଏବଂ ମାଂସ କାଟି ବିକ୍ରି ହେଉଛି। ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପାର୍ଶ୍ୱ ଏବଂ ଜଳେଶ୍ୱରପୁର ଓ ସୁଲତାନପୁର ପଞ୍ଚାୟତ ଅଧୀନ ଥାନାଛକ-ଭୋଗରାଇ ହାଟ ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘ ବର୍ଷ ହେଲା ବହୁ ସଂଖ୍ୟାରେ ଖୁଲମଖୁଲା ପଶୁହତ୍ୟା ହେଉଛି। ମାଂସ କାଟି ବିକ୍ରି ପାଇଁ ଦିନସାରା ଟଙ୍ଗା ହୋଇ ରହୁଛି। ଅଧିକାଂଶ ମାଂସ ଦୋକାନ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ନିକଟରେ ରହିଛି। ସର୍ବସମ୍ମୁଖରେ ଛେଳି ଓ କୁକୁଡ଼ା ହତ୍ୟା କରାଯାଉଛି। ଏଣୁ ଶିକ୍ଷାନୁଷ୍ଠାନକୁ ଆସୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ରାସ୍ତା କଡ଼ରେ ପଶୁହତ୍ୟା କରି ମାଂସ ବିକ୍ରି କରିବା ଦ୍ୱାରା ପଶୁ କ୍ରୁରତା ନିରୋଧ ଆଇନର ଉଲ୍ଲଂଘନ ହେଉଛି। ମୃତ ପଶୁର ବର୍ଜ୍ୟ ପରିବେଶ ପ୍ରଦୂଷିତ କରୁଛି। ଏ ସଂକ୍ରାନ୍ତରେ କମନ କଜ୍ ନାମକ ସ୍ୱେଚ୍ଛାସେବୀ ସଂଗଠନ କେନ୍ଦ୍ର ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲା। ଏଥିରେ ମାଂସର ମାନକ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ୮୮୯୫: ୧୯୭୮ଠାରୁ କମ୍ ରହୁଥିବା ନେଇ ମଧ ଉଲ୍ଲେଖ ରହିଥିଲା। ମାମଲାର ବିଚାର କରି ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ସରକାରମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ସଂକ୍ରାନ୍ତରେ ରାଜ୍ୟ ସରକାର ଏକ ସତ୍ୟପାଠ ଜରିଆରେ ରିପୋର୍ଟ ଦାଖଲ କରିଥିଲେ। ୨୦୧୫ ମାର୍ଚ୍ଚ ମାସରେ ମୁଖ୍ୟ ସଚିବ ଗୋକୁଳ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଥିଲା। ଏହାସହିତ ଏହାର ନିୟନ୍ତ୍ରଣ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ଅନୁସାରେ ସହରାଞ୍ଚଳରେ କଂସେଇଖାନାଗୁଡିକ ପ୍ରତି ବୁଧବାର ଓ ରବିବାର ଯାଞ୍ଚ ହେବ। ସେହିପରି ଗ୍ରାମାଞ୍ଚଳର ରାସ୍ତା ପାର୍ଶ୍ୱରେ ହେଉଥିବା ପଶୁହତ୍ୟା, ମାଂସ କଟା ଓ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଥିବା ବେଆଇନ କଂସେଇଖାନାଗୁଡିକୁ ବନ୍ଦ କରାଯିବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ସ୍ଥାନୀୟ ତହସିଲଦାର, ପୁଲିସ ଅଧିକାରୀ ମିଳିତ ଭାବେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ପଶୁ କ୍ରୁରତା ଆଇନ ଯେପରି ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଇତଃସ୍ତତଃ ଭାବେ ମାଛ ଓ ମାଂସ ବିକ୍ରି କରାଯାଇପାରିବ ନାହିଁ। ମାଛ ଓ ମାଂସ ବିକ୍ରି ପାଇଁ ସରକାରୀ ଜମିରେ ନିର୍ଦ୍ଦିଷ୍ଟ ସ୍ଥାନ ସ୍ଥିର କରାଯାଇ ସେଠାରେ ଆଧୁନିକ ଆଇଁଷ ବଜାର ସ୍ଥାପନ କରିବା ଦିଗରେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବେ ବୋଲି ଆଇନ ବା ନିର୍ଦ୍ଦେଶ ରହିଛି; ମାତ୍ର ଏହାକୁ ୯ ବର୍ଷରୁ ଉର୍ଦ୍ଧ୍ୱର ସମୟ ବିତିଗଲାଣି। ତଥାପି ଏପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରି ନାହିଁ। ଇତଃସ୍ତତଃ ଭାବେ ମାଛ ଓ ମାଂସ ଦୋକାନ ଏବେ ସମସ୍ତ ଅଞ୍ଚଳରେ ଚାଲିଛି। ଲୋକେ ଆଖି ସାମ୍ନାରେ ଛେଳି, କୁକୁଡ଼ା କାଟି ମାଂସ ଦେବାକୁ ଲୋକେ ଦାବି କରୁଥିବା ଯୋଗୁଁ ରାସ୍ତା କଡ଼ରେ ଜୀବହତ୍ୟା କରିବାକୁ ବାଧ ହେଉଛନ୍ତି ବୋଲି ମାଂସ ଦୋକାନୀ ପ୍ରକାଶ କରିଛନ୍ତି।

# ବୟସ ପ୍ରମାଣ ପରେ ଘରକୁ ଫେରିଲେ ପ୍ରେମୀ ଯୁଗଳ

**ଭଣ୍ଡାରିପୋଖରୀ, ୩।୧(ସମିସ):** ଭଣ୍ଡାରିପୋଖରୀ ଥାନା ସରପଦା ଗ୍ରାମର ପ୍ରେମୀଯୁଗଳ ବୁଧବାର ଥାନାରୁ ଘରକୁ ଫେରିଥିବା ଜଣାଯାଇଛି। ଗ୍ରାମର ଇପ୍‌ଷିତା ରାଉତଙ୍କ ସହ କୁଶ ବାରିକଙ୍କର ଦୀର୍ଘ ବର୍ଷ ଧରି ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏନେଇ ଉଭୟ ପରିବାର ମଧ୍ୟରେ ମନୋମାଳିନ୍ୟ ହୋଇ ଥାନାରେ ସମାଧାନ ହୋଇଥିଲା। ଇପ୍‌ଷିତା ପ୍ରାପ୍ତ ବୟସ୍କ ହେବାପରେ ପ୍ରେମୀ ଯୁଗଳ ଗ୍ରାମରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଇପ୍‌ଷିତାର ବଡ଼ଭଉଣୀ ଗତ ୨୮ ତାରିଖରେ ଥାନାରେ ଅପହରଣ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ହେବାରୁ ପ୍ରେମୀଯୁଗଳ ଥାନାରେ ହାଜର ହୋଇ ପରସ୍ପର ସ୍ୱଇଚ୍ଛାରେ ବିଭା ହୋଇ ପତିପତ୍ନୀ ଭାବେ ଗ୍ରହଣ କରିଛନ୍ତି ବୋଲି ବୟାନ ଦେଇଥିଲେ। ମାତ୍ର ଇପ୍‌ଷିତା ପରିବାର ପକ୍ଷରୁ ମେଡିକାଲ ପ୍ରମାଣପତ୍ର ପ୍ରଦାନ କରାଯାଇ ଇପ୍‌ଷିତା ନାବାଳିକା ଥିବା ଦର୍ଶାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଇପ୍‌ଷିତାକୁ ଭଦ୍ରକ ସର୍ଟ ସେଲଟର ହୋମ ଆସିଆନାକୁ ପଠାଯାଇଥିଲା। ଇପ୍‌ଷିତା ପକ୍ଷରୁ ମାଟ୍ରିକ ସାର୍ଟିଫିକେଟ ପ୍ରଦାନ କରାଯାଇ ପ୍ରାପ୍ତବୟସ୍କ ହୋଇଥିବା ଦାବି କରାଯାଇଥିଲା। ସମସ୍ତ ପ୍ରମାଣପତ୍ରକୁ ଯାଞ୍ଚ କରାଯାଇ ଇପ୍‌ଷିତା ପ୍ରାପ୍ତ ବୟସ୍କ ଥିବା ନିର୍ଣ୍ଣୟ କରାଯାଇ ବୁଧବାର ପ୍ରେମୀଯୁଗଳଙ୍କୁ ଏକାଠି ଛାଡ଼ି ଦିଆଯାଇଥିବା ଜଣାଯାଇଛି।

# ମଲ୍ଲୀଙ୍କୁ ଭରସା ଦେଇଛି ଲେମ୍ବୁ ବ୍ୟବସାୟ

**● ୨୦ ବର୍ଷ ହେବ ଆରପାରିରେ ସ୍ୱାମୀ**
**● ଏକ ମାତ୍ର ପୁଅର ଖୋଜ ଖବର ନାହିଁ**
**● ବୟସ ବଢ଼ିବା ସହ ଅସୁସ୍ଥ ଅନୁଭବ କରୁଥିବାରୁ ଚିନ୍ତା**
**● ଏ ପର୍ଯ୍ୟନ୍ତ ରାସନ, ଭତ୍ତା ମିଳିନି**




**ବାଲେଶ୍ୱର, ୩।୧(ସମିସ):** ବାଲେଶ୍ୱର ଜିଲ୍ଲା ସୋର ଥାନା ବିଦୁ ଅଞ୍ଚଳସ୍ଥ କରଞ୍ଜିଆଡ଼ି ଗ୍ରାମର ଗୋବର୍ଦ୍ଧନ ପଢ଼ିଆରୀଙ୍କ ପତ୍ନୀ ମିଲ୍ଲୀଙ୍କ ବୟସ ୬୧ ଛୁଇଁଲାଣି। ୨୦ ବର୍ଷ ତଳେ ସ୍ୱାମୀ ତାଙ୍କୁ ଛାଡ଼ି ଦେବା ପରେ ସେ ବଞ୍ଚିବା ଲାଗି ବାଲେଶ୍ୱର ସହରକୁ ରୋଜଗାର ଆଶାରେ ଧାଇଁ ଆସିଥିଲେ। ଏଠାରେ ବିଭିନ୍ନ ହୋଟେଲରେ ବାସନ ଧୋଇବା କାର୍ଯ୍ୟ କରିବା ପରେ ବର୍ତ୍ତମାନ ବୟସାଧିକ କାରଣରୁ ଆଉ ହୋଟେଲରେ କାମ କରୁ ନାହାନ୍ତି। ବର୍ତ୍ତମାନ ସେ ବାଲେଶ୍ୱର ସହରର ନୂଆବଜାର ଓ ଫାଣ୍ଡିଛକର ରାସ୍ତା ପାର୍ଶ୍ୱରେ ଲେମ୍ବୁ ବିକ୍ରି କରି ଗୁଜୁରାଣ ମେଣ୍ଟାଉଛନ୍ତି। ତାଙ୍କର ଏକ ମାତ୍ର ପୁଅ ଥିଲା; ଯାହାର କୌଣସି ଖୋଜ ଖବର ନାହିଁ। ସହରର ଶୋଭାରାମପୁର ଅଞ୍ଚଳରେ ବୃଦ୍ଧା ମଲ୍ଲୀ ବର୍ତ୍ତମାନ ଭଡ଼ା ଘରେ ରହୁଛନ୍ତି। ଦୈନିକ ସକାଳେ ସେ ବଜାରକୁ ଆସି ଗୋଦାମରୁ ୨/୩ଶହ ଲେମ୍ବୁ କିଣନ୍ତି। ପରେ ରାସ୍ତା ପାର୍ଶ୍ୱରେ ଅଖା ମେଲାଇ ଲେମ୍ବୁଗୁଡିକୁ ଭାଗ ଭାଗ କରି ଥୋଇ ଥାଆନ୍ତି। ଗୋଟିଏ ଭାଗରେ ୫ଟି ଲେମ୍ବୁ ଥାଏ। ଗରାଖ ଗୋଟିଏ ଭାଗ ଲେମ୍ବୁ କିଣିଲେ ବଜାର ଦାମ୍ ଅନୁସାରେ ମୂଲ୍ୟ ଦେଇଥାନ୍ତି। ଦିନକୁ ଶହେ ଦେଢ଼ଶହ ଟଙ୍କା ଲାଭ ହୁଏ। ଏହି ଲାଭାଂଶ ଟଙ୍କାରେ ସେ ଚଳନ୍ତି। ତେବେ ଏହି ଲେମ୍ବୁ ବ୍ୟବସାୟ ତାଙ୍କୁ ଭରସା ଦେଇଛି ବୋଲି ମଲ୍ଲୀ କହିଛନ୍ତି। ତେବେ ବୟସ ବଢ଼ିବା ସହ ସେ ଅସୁସ୍ଥ ଅନୁଭବ କରୁଛନ୍ତି। ଦୈନିକ ସକାଳୁ ସନ୍ଧ୍ୟା ପରିଶ୍ରମ କରି ଥକି ପଡୁଛନ୍ତି। ଭବିଷ୍ୟତରେ କେମିତି ବଞ୍ଚିବେ ଏବେ ତାଙ୍କୁ ସେହି ଚିନ୍ତା। ତେବେ କେହି ଯଦି ତାଙ୍କୁ ଭତ୍ତା ଓ ରାସନ କାର୍ଡ କରେଇ ଦିଅନ୍ତା ତେବେ ସେ ଚଳିବାକୁ ଟିକେ ସହଜ ହୁଅନ୍ତା ବୋଲି କହିଛନ୍ତି।

# ଆଗରପଡ଼ା ଥାନାରେ ଗଣଧାରଣା

**ଆଗରପଡ଼ା, ୩।୧(ସମିସ):** ବୁଧବାର ଆଗରପଡ଼ା ଥାନାର ନିଲମ୍ବିତ ଏଏସ୍ଆଇ ମହେନ୍ଦ୍ର ଗିରି ଓ କନେଷ୍ଟବଳ ଚିନ୍ମୟ ଦେହୁରୀଙ୍କ ସହ ଏଠାରୁ ବଦଳି ହୋଇଥିବା ହୋମଗାର୍ଡ଼ ଗଜେନ୍ଦ୍ର ନାୟକ ଓ ଅରୁଣ ଦାସଙ୍କୁ ଗିରଫ, ଗୋପିନାଥ ନାୟକଙ୍କ ନାମରେ ଦିଆଯାଇଥିବା କେସ ପ୍ରତ୍ୟାହାର, ତାଙ୍କ ଠାରୁ ଛଡ଼ାଇ ନେଇଥିବା ମୋବାଇଲ, ସୁନାଚେନ ଫେରାଇବା ଆଦି ଦାବିରେ ବିଜେପି ପକ୍ଷରୁ ଆଗରପଡ଼ା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ବରିଷ୍ଠ ନେତା ପଞ୍ଚାନନ ନାୟକ, ଶିବାନନ୍ଦ ଦାସ ଅଧିକାରୀ, ଅମୂଲ୍ୟରତ୍ନ ନନ୍ଦ, ବାମଦେବ ଦାସ, ରାଜୀବ ଲୋଚନ ରାୟ, ପ୍ରଫୁଲ୍ଲ ସିଂହ, ଗୋପାଳ ଦାଶ, ଲମ୍ବୋଧର ତ୍ରିପାଠୀ, ଭବାନୀ ବିଶ୍ୱାଳ, ଅଶୋକ ମହାନ୍ତି, ରମାକାନ୍ତ ଜେନା, ନରୋତ୍ତମ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଗତ ୩୦ ତାରିଖ ରାତିରେ ମେଲୋଡି ପ୍ରୋଗ୍ରାମ ସାରି ଘରକୁ ଫେରୁଥିବାବେଳେ ତେଲନଟି ଗ୍ରାମର ମଞ୍ଚ କଳାକାର ଗୋପୀନାଥ ନାୟକଙ୍କୁ ଆଗରପଡ଼ା କାଣ୍ଡବା ସାଳନ୍ଦୀନଦୀ ସେତୁ ନିକଟରେ ମାଡ଼ମାରି ଉପରୋକ୍ତ ଚାରି ପୁଲିସ କର୍ମଚାରୀ ମୋବାଇଲ ଓ ସେ ପିନ୍ଧିଥିବା ସୁନାଚେନକୁ ଛଡ଼ାଇ ନେଇଥିଲେ ବୋଲି ଗୋପୀନାଥଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ନିଲମ୍ବିତ ଏଏସ୍ଆଇଙ୍କ ଅଭିଯୋଗ ମୂଳେ ମଧ ଗୋପୀନାଥଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏସ୍‌ପିଙ୍କ ପ୍ରତିଶ୍ରୁତି ପାଇବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବାଲି ବୋଝେଇ ଟ୍ରକ୍ ଜବତ

**ମଞ୍ଜୁରୀରୋଡ, ୩।୧(ସମିସ):** ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଏକ ବାଲି ବୋଝେଇ ହାଇା ଟ୍ରକ୍‌କୁ ଜବତ କରାଯାଇଛି। ଟ୍ରକ୍‌ଟି ସ୍ଥାନୀୟ ବୈତରଣୀ ନଦୀରୁ ବାଲି ବୋଝେଇ କରି ଛତାବର ବଳିଘାଇ ରାସ୍ତାରେ ଆସୁଥିବାବେଳେ ଆର୍‌ଆଇ ସଞ୍ଜୀବ ବାରିକ ଗାଡିଟିକୁ ଅଟକ ରଖିଥିଲେ। ଖବରପାଇ ତହସିଲଦାର ସରୋଜକାନ୍ତ ନାୟକ ପହଞ୍ଚି ବାଲିଗାଡ଼ିର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବାଲି ପରିବହନ ସମ୍ବନ୍ଧୀୟ ନଥିପତ୍ରରେ ତ୍ରୁଟି ଥିବା ତହସିଲଦାର ଜାଣିବାକୁ ପାଇଥିଲେ। ଏହାଛଡା ଗାଡ଼ିରେ ମଧ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଥିବା ଜଣାପଡ଼ିଥିଲା। ତେଣୁ ଟ୍ରକ୍‌ଟିକୁ ତହସିଲ ହେପାଜତରେ ରଖାଯାଇଥିବା ବେଳେ ଏନେଇ ଜରିମାନା ଆଦାୟ ହେବ ବୋଲି ସୂଚନା ଦିଆଯାଇଛି।

# ୨୫ରୁ ୨୪ତମ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ

ବାଲେଶ୍ୱର, ୩।୧(ସମିସ)



ବାଲେଶ୍ୱରରେ ଆସନ୍ତା୨୫ ରୁ୨୮ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଯାଉଥିବା ୨୪ତମ ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବର ପ୍ରସ୍ତୁତି ଚାଲିଛି। ଏହି ମହୋତ୍ସବକୁ ଚଳିତବର୍ଷ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଉଦ୍ୟମ ଜାରି ରହିଥିବା ନେଇ ସ୍ଥାନୀୟ ବ୍ରୀଟୟ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ସୂଚନା ଦେଇଛନ୍ତି। ଏହି ଚାରିଦିନିଆ ମହୋତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସଦ, ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେବେ। କେନ୍ଦ୍ର ଓ ରାଜ୍ୟସରକାରଙ୍କ କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ପ୍ରତି ସଂଧ୍ୟାରେ ଖ୍ୟାତନାମା କଳାକାରଙ୍କ ଦ୍ୱାରା ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରାଜ୍ୟ ତଥା ରାଜ୍ୟ ବାହାର ମୁମ୍ବାଇ ଓ କୋଲକତାର କଳାକାର ଏଥିରେ ଅଂଶ ଗ୍ରହଣ କରିବେ। ଏହା ସହିତ ସ୍ଥାନୀୟ କଳାକାରଙ୍କୁ ନେଇ ମଧ ନୃତ୍ୟ, ଗୀତ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦୟଯାନୀ ଅର୍ଥାତ୨୮ ତାରିଖ ରାତିରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ୪ଦିନିଆ ମହୋତ୍ସବରେ ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ଅଧୀନ ପିଏକ୍ସଇ, ଆଇଟିଆର ସମେତ ଓମଫେଡ, ଟିପିଏନଓଡିଏଲ, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଏସଏଚଜି ଗ୍ରୁପ, ମିଶନ ଶକ୍ତି ଆଦିଙ୍କ ଷ୍ଟଲକୁ ନେଇ ପ୍ରଦର୍ଶନୀ ହେବ। ପ୍ରତ୍ୟେକ ଅପରାହ୍ନରେ ବେଳାଭୂମିରେ ଭଲିବଲ, ବାସ୍କେଟବଲ, ରିଙ୍ଗବଲ, କବାଡି ପ୍ରଭୃତି ବିଭିନ୍ନ କ୍ରୀଡା ଆୟୋଜନ କରାଯିବ। ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି ମହୋତ୍ସବକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା ତଥା ମୁଖ୍ୟ ପୃଷ୍ଠପୋଷକ ସଦର ବିଧାୟକ ସ୍ୱରୂପକୁମାର ଦାସଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ଉତ୍ସବର ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଥିବା ବେଳେ ଉତ୍ସବ ଆୟୋଜନରେ ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅଙ୍କିତା ମହାନ୍ତି ସହଯୋଗ କରୁଛନ୍ତି। ପ୍ରତିବର୍ଷ ଭଳି ଉତ୍ସବ କମିଟିର ସ୍ମରଣିକା ସୁବର୍ଣ୍ଣ ସିକତା ପ୍ରକାଶ କରାଯିବ। କଳା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ପ୍ରଭୃତି ବିଷୟକୁ ନେଇ ବହୁ ଉପାଦେୟ ଲେଖା ଏଥିରେ ପ୍ରକାଶ ପାଇବ। ୧୨ତାରିଖ ସୁଦ୍ଧା ଲେଖକ ଲେଖିକା ଓ କବିମାନେ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି। ବାଲେଶ୍ୱର ଜିଲ୍ଲାର ଗରିମା ବୃଦ୍ଧିରେ ସହାୟକ ହୋଇଥିବା ଏହି ମହୋତ୍ସବକୁ ସଫଳ ପାଇଁ କମିଟି ସହଯୋଗ ନିମନ୍ତେ ସଭାପତି ପୂର୍ବତନ ବିଧାୟକ ଶ୍ରୀ ଦାଶଙ୍କ ସମେତ ଉପସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ପ୍ରମୁଖ ଉତ୍ସବ କମିଟି କର୍ମକର୍ତ୍ତାମାନେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ଦାଶ, କିଶୋର ଦାସ, ଡ. ଶ୍ରୀମାନ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ଆରତୀ ଦାସ, ସନ୍ଧ୍ୟାରାଣୀ ଭୂୟାଁ, ଅପର୍ଣ୍ଣା ମହାପାତ୍ର, ଲକ୍ଷ୍ମୀନାରାୟଣ ମହାନ୍ତି ଓ ନିର୍ମାଲ୍ୟ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ 'ନୂଆ-ଓ' ଉଦ୍‌ଯାପିତ



**ଅସୁରାଳି,୩।୧(ସମିସ):** ନାଟକ, ସଙ୍ଗୀତ ଓ କଳା ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ ଏବଂ ଜଣେ ଏହାକୁ ବୃତ୍ତି ଭାବେ ଗ୍ରହଣ କରି ନିଜର ଜୀବିକା ଉପାର୍ଜନ କରି ପାରିବ ବୋଲି ଆଖଣ୍ଡଳମଣି ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷ ଦିଲୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ କର୍ମଚାରୀ ସଂସଦର ସମ୍ପାଦକ ଅଧାପକ ନିହାର ରଞ୍ଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କୋଠାର ସେବା ସମବାୟ ସମିତି ସଭାପତି ହରେକୃଷ୍ଣ ପାଢ଼ୀ, ପୂର୍ବତନ ଅଧକ୍ଷ ଶରତ ତ୍ରିପାଠୀ, ବାବାମଣି ଡିଗ୍ରୀ ମହାବିଦ୍ୟାଳୟ ପରି.ଳନା ସମିତି ସଭାପତି ତ୍ରିଲୋଚନ ଦାସ, ଅଧାପକ ନିକୁଞ୍ଜ କିଶୋର ଜେନା, ମୋ ସ୍କୁଲ ଅଭିଯାନର ସଭାପତି ସୁଶାନ୍ତ ନାୟକ, ସମାଜସେବୀ ନିମାଇଁ ଚରଣ ବାରିକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧକ୍ଷ ଜୟନ୍ତ ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ମନମୋହନ ତ୍ରିପାଠୀ ବେଦ ପାଠ କରିଥିଲା ବେଳେ ପ୍ରଧାପିକା କନକଲତା ବେହେରା ଅତିଥି ପରିଚୟ, ଅଧାପକ ଲକ୍ଷ୍ମୀଧର ଦାଶ ସ୍ୱାଗତ ଭାଷଣ ଓ କ୍ରୀଡ଼ା ଶିକ୍ଷକ ଅନୀଲ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଅମରେନ୍ଦ୍ର ପଣ୍ଡା ଓ ଅଧାପକ ପୂର୍ଣ୍ଣଚନ୍ଦ୍ର ପତି, ଅଧାପକ ଶିବପ୍ରସାଦ ସାହୁ ଓ ଡେମନ୍‌ଷ୍ଟ୍ରେଟର ଭୀମସେନ ଓଝା ଉତ୍ସବ ପରିଚାଳନା କରିଥିଲେ।

## ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟାରେ କବି ଓ କବିତା ମହାକୁମ୍ଭ

# 'କାବ୍ୟିକତା ଥିଲେ ଗଦ୍ୟ ସାହିତ୍ୟ ମଧ୍ୟ ଲାଳିତ୍ୟବୋଧକ ହୁଏ'

ଭଦ୍ରକ,୩।୧(ସମିସ)




କବିତାରେ ଭାବପ୍ରବାହୀ ଶକ୍ତ ନିହିତ। କବିତ୍ୱର ଅସାଧାରଣ କଳାରେ ପାଠକୀୟ ଚିତ୍ତବୃତ୍ତି ହୁଏ ପ୍ରଚୋଦିତ। କେବଳ କବିତା କାହିଁକି, ଆଧୁନିକ ଓଡ଼ିଆ ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ସାହିତ୍ୟରେ ଥିବା କାବ୍ୟିକ ବର୍ଣ୍ଣନା ରୀତି ପାଠକ ପ୍ରାଣକୁ କୋମଳ ଚେତନାରେ ଆବିଷ୍ଟ କରିଛି। ଫକୀରମୋହନଙ୍କ ଠାରୁ ଆରମ୍ଭ କରି, ଗୋପୀନାଥ ମହାନ୍ତି ଓ ଏପରିକି ସମକାଳର ରାମଚନ୍ଦ୍ର ବେହେରାଙ୍କ କଥାସାହିତ୍ୟର ବର୍ଣ୍ଣନା ଚାତୁରୀ ସେମାନଙ୍କ ସୃଷ୍ଟିକୁ ଗଦ୍ୟକାବ୍ୟର ପର୍ଯ୍ୟାୟଭୁକ୍ତ କରିଛି ବୋଲି ତ୍ୟାଗଭୂମି ମହୋତ୍ସବର ୫ମ ଦିବସରେ ଅନୁଷ୍ଠିତ କବି କବିତା ମହାକୁମ୍ଭରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତ୍ୟାଗଭୂମି ପତ୍ରିକା ସମ୍ପାଦକ ଅଧାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତାପର୍ବରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପ୍ରାଧାପକ ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ଥିଲେ। ଅତିଥି ଭାବେ "ଚିରକାଳକୁ'ର କବି ପ୍ରାଧାପିକା ସୁଚିତ୍ରା ପାଣୀଗ୍ରାହୀ ଯୋଗଦେଇ କବିତା କୌଣସି ସମୀକ୍ଷାର ଅପେକ୍ଷା ନକରି ଭାବାନୁସାରୀ ଅଗ୍ରସର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ଓ ଗାଳ୍ପିକ ବିପ୍ଳବ ରଞ୍ଜନ ପତି ଯୋଗଦେଇ ଶୂନ୍ୟତାର ଅଭାବପଣ ହିଁ କବିଭାବକୁ କାଳଜୟୀ କରିଥାଏ ବୋଲି କହିଥିଲେ। ଏହି ଅବସରରେ ତ୍ୟାଗଗଭୂମି ପକ୍ଷରୁ ଜିଲ୍ଲାରୁ ସ୍ୱତନ୍ତ୍ର ନିମନ୍ତ୍ରିତ କବି ଡ. ଅବନୀ ପ୍ରଧାନ, ଡ. ପ୍ରଭାତନଳିନୀ ମହାପାତ୍ର, ଗୀତାରାଣୀ ଆଇଚ, ଅମୂଲ୍ୟ କୁମାର ରାଉତ, ରବିକୁମାର ମହାନ୍ତି, ବାବୁଲାଲ ଦାସ, ଅବଦୁଲ ଦୟାନ, ମୁସ୍ତାକ ଗହ୍ୱର, ପ୍ରଦୀପ୍ତ କୁମାର ମହାନ୍ତି, ମନୋଜ ଭଳ, ଋତୁରାଜ ଅକ୍ଷୟ, ପତିତପାବନ ପାଣି, ଦେବେନ୍ଦ୍ରନାଥ ମହାଳିକ, ମାନସ ପଣ୍ଡା, ରଞ୍ଜନ କୁମାର ନାୟକ, ବିଚିତ୍ରାନନ୍ଦ ଜେନା, ପ୍ରଦୀପ କୁମାର ମହାନ୍ତି, ବାସ୍ତବ ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ ଓ ନରେଶ ଲେଙ୍କା ପ୍ରମୁଖ ୨୦ ଜଣ କବି ନିର୍ବାଚିତ ଶ୍ରେଷ୍ଠକବିତା ପାଠ କରିଥିଲେ। ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ଅଶୋକ ଦ୍ୱିବେଦୀ କାର୍ଯ୍ୟକ୍ରମରେ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଓ ସଦସ୍ୟ ଗାଳ୍ପିକ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ୟାଶନ ଶୋରେ ପ୍ରାପ୍ତିଙ୍କ କମାଲ୍



**ଆଗରପଡ଼ା,୩।୧(ସମିସ):** ବନ୍ତ ବ୍ଲକ୍ ବଡ଼ମହିଁଷଗୋଠ ପଞ୍ଚାୟତ ନରାଜପୁର ଗ୍ରାମର ପ୍ରୀତିଶକାନ୍ତ ଶତପଥୀ ଓ ମଧୁସ୍ମିତାଙ୍କ ଝିଅ ପ୍ରାପ୍ତି ବର୍ତ୍ତମାନ ବରପଦାସ୍ଥିତ ଏକାଡେମିକ ଇଣ୍ଟରନ୍ୟାସନାଲ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ରୀ। ବୟସ କମ୍ ହୋଇଥିଲେ ସୁଦ୍ଧା ତାଙ୍କ ପ୍ରତିଭା ପାଇଁ ସେ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଆଗରପଡ଼ା ଯୁବ ମହୋତ୍ସବ ଅନ୍ତିମ ସନ୍ଧ୍ୟାରେ ଆୟୋଜିତ ଫ୍ୟାସନ ଶୋରେ ପ୍ରାପ୍ତିଙ୍କ ଷ୍ଟାଇଲକୁ ଦର୍ଶକ ଅଧିକ ପସନ୍ଦ କରିଥିଲେ। ଓଡ଼ିଶାର ନାମିଦାମୀ ଫ୍ୟାସନିଷ୍ଟଙ୍କ ସାମ୍ନାରେ ତାଙ୍କ ପ୍ରଦର୍ଶନ ଖୁବ୍ ଶ୍ରଦ୍ଧାଭାଜନ ହୋଇଥିଲା। ଓଡ଼ିଶାର ବିଭିନ୍ନ ନାମକରା ଷ୍ଟେଜରେ ଏହି କଳା ପ୍ରଦର୍ଶନ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଜଣେ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀ ମଧ୍ୟ।

# ଧାମନଗରରେ ବିକଶିତ ଭାରତ ରଥକୁ ଭଙ୍ଗାରୁଜା

**ଧାମନଗର,୩।୧(ସମିସ):** ଧାମନଗର ଥାନା ଅଧୀନ ଚୁଡ଼ାକୁଟିଠାରେ ବିକଶିତ ଭାରତ ରଥକୁ କେତେକ ଅସାମାଜିକ ବ୍ୟକ୍ତି ଭଙ୍ଗାରୁଜା

**● ରାସ୍ତାରୋକ, ଥାନାରେ ଦୁଇ ଅଟକ**



କରିଥିବାବେଳେ ଏହାକୁ ବିରୋଧ କରି ଶହ ଶହ ବିଜେପି କର୍ମୀ ଧାମନଗର ଥାନା ସମ୍ମୁଖ ମୁଖ୍ୟ ରାସ୍ତା ଅବରୋଧ କରିଥିବା ଜଣାଯାଇଛି। ପୁଲିସ ୨ଜଣଙ୍କୁ ଥାନାରେ ଅଟକ ରଖିଛି । ଭାରତ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ପ୍ରଚାର ନିମନ୍ତେ କେନ୍ଦ୍ର ସରକାରଙ୍କ ତରଫରୁ ଆମ ସଂକଳ୍ପ ବିକଶିତ ଭାରତରଥ ପରିକ୍ରମା କରୁଥିବାବେଳେ ଧାମନଗର ଥାନା ଅଧୀନ ଚୁଡ଼ାକୁଟି ଠାରେ କେତେକ ବ୍ୟକ୍ତି ଗାଡ଼ି ଅଟକାଇ ଭଙ୍ଗାରୁଜା କରିଥିଲେ। ଏହାକୁ ବିରୋଧ କରି ଧାମନଗର ଅଞ୍ଚଳର ବିଜେପି କର୍ମୀମାନେ ଶହ ଶହ ସଂଖ୍ୟାରେ ଆସି ଧାମନଗର ଥାନା ସମ୍ମୁଖ ମୁଖ୍ୟ ରାସ୍ତାକୁ ଅପରାହ୍ନ ୫ଟାରୁ ଅବରୋଧ କରିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଥାନାରେ ପହଞ୍ଚି ଏପରି କାଣ୍ଡ ଘଟାଇ ଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏଥିରେ ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ପ୍ରଦୀପ ନାୟକ, ଅଭିମନ୍ୟୁ ସେଠୀ, କୈଳାସ ଚନ୍ଦ୍ର ମହାପାତ୍ର, ଜୁଗୁନା ପତି, ରାମଚନ୍ଦ୍ର ମିଶ୍ର, ବିଜୟରାମ, ସେକ ହମିଦଙ୍କ ସହ ବହୁ ବିଜେପି ନେତା ଓ କର୍ମୀମାନେ ରାସ୍ତା ଅବରୋଧରେ ସାମିଲ ହୋଇଥିଲେ।

# ନିୟମିତ ହେଲେ ୧୧ ଶିକ୍ଷାସହାୟକ

**ଧାମନଗର,୩।୧(ସମିସ):** ଧାମନଗର ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା ଓ ଏବିଇଓ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା,ବିଜୟଲକ୍ଷ୍ମୀ ନାୟକ ଉପସ୍ଥିତରେ ଧାମନଗର ବ୍ଲକର ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୧୧ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ୨୦୧୨ ମସିହାରେ ଚାକିରି କରିଥିବା ବେଳେ ସେମାନଙ୍କର ଚାକିରିକୁ ଏବେ ନିୟମିତ କରାଯାଇଛି। ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନିୟମିତ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ହେଲେ ହିମାଂଶୁ ନାୟକ, ଶିବଶଙ୍କର ସିଂ,ପ୍ରିୟମ୍ବଦା ନାୟକ,କାଞ୍ଚନବାଳା ପୁତ୍‌ରା,ରାମନାରାୟଣ ସାମଲ,ଭାରତୀ ପଥୁରିଆ, ଦେବୀମଣି ସିଂ,ସସ୍ମିତା ରାମ,ରେବତୀ ଦାସ,ବନ୍ଦିତା ମିଶ୍ର, ସସ୍ମିତା ବିଶ୍ୱାଳ। ଦୀର୍ଘଦିନ ପରେ ସେମାନଙ୍କ ଚାକିରି ନିୟମିତ କରାଯାଇଥିବାରୁ ସେମାନେ ବ୍ଲକ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।



# ଅସହାୟ ଯୁବକଙ୍କ ମୃତ୍ୟୁ

**ଦୋଳସାହି,୩।୧(ସମିସ):** ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ ଅଧୀନସ୍ଥ ଇଟାଗଡ଼ି ଗ୍ରାମରେ ଭାଗୀରଥି ଯେନାଙ୍କ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ଯେନା ଦୀର୍ଘ ୧୦ବର୍ଷ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଅସହାୟ ଅବସ୍ଥାରେ ପଡ଼ିରହି ଥିଲେ। ପ୍ରବଳ ଶୀତ ଯୋଗୁଁ ଥଣ୍ଡା ସହ୍ୟ କରି ନ ପାରି ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତ୍ୟୁଖବର ପାଇ କୁବେରା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଅନୀଲ ନାୟକ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହିତ ସମ୍ପୂର୍ଣ କାର୍ଯ୍ୟକୁ ସହଯୋଗ କରିଥିଲେ। ଘରେ ୮୦ ବର୍ଷର ବୃଦ୍ଧା ମା'ଟି ରୋଗାକ୍ରାନ୍ତ ଅବସ୍ଥାରେ ପଡି ରହିଥିବା ବେଳେ ବୃଦ୍ଧ ପିତା ଜଣକ ଦୁଃଖରେ ଭାଙ୍ଗି ପଡିଛନ୍ତି ।




# ବାଲି ବୋଝେଇ ଟ୍ରକ୍ ଜବତ

**ମଞ୍ଜୁରୀରୋଡ,୩।୧(ସମିସ):** ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଏକ ବାଲି ବୋଝେଇ ହାଇା ଟ୍ରକ୍‌କୁ ଜବତ କରାଯାଇଛି । ଟ୍ରକ୍‌ଟି ସ୍ଥାନୀୟ ବୈତରଣୀ ନଦୀରୁ ବାଲି ବୋଝେଇ କରି ଛତାବର ବଳିଘାଇ ରାସ୍ତାରେ ଆସୁଥିବାବେଳେ ଆର୍‌ଆଇ ସଞ୍ଜୀବ ବାରିକ ଗାଡିଟିକୁ ଅଟକ ରଖିଥିଲେ। ଖବରପାଇ ତହସିଲଦାର ସରୋଜକାନ୍ତ ନାୟକ ପହଞ୍ଚି ବାଲିଗାଡ଼ିର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବାଲି ପରିବହନ ସମ୍ବନ୍ଧୀୟ ନଥିପତ୍ରରରେ ତ୍ରୁଟି ଥିବା ତହସିଲଦାର ଜାଣିବାକୁ ପାଇଥିଲେ। ଏହାଛଡା ଗାଡ଼ିରେ ମଧ୍ୟ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଥିବା ଜଣାପଡ଼ିଥିଲା। ତେଣୁ ଟ୍ରକ୍‌ଟିକୁ ତହସିଲ ହେପାଜତରେ ରଖାଯାଇଥିବା ବେଳେ ଏନେଇ ଜରିମାନା ଆଦାୟ ହେବ ବୋଲି ସୂଚନା ଦିଆଯାଇଛି।

# ଦେବେନ୍ଦ୍ରଙ୍କୁ ଗୀତିଗାୟତ୍ରୀ ସମ୍ମାନ



**ଆଗରପଡ଼ା,୩।୧(ସମିସ):** ଆଗରପଡ଼ାସ୍ଥିତ ରାଜନଗର ମଙ୍ଗଳପୁର ଗ୍ରାମର ଅନାମ ଜେନାଙ୍କ ପୁଅ ଦେବେନ୍ଦ୍ରଙ୍କୁ ରାଜ୍ୟସ୍ତରୀୟ କବିକଳାକାର ଶ୍ରୀଚନ୍ଦନ ସାହିତ୍ୟ ଏକାଡେମୀ ଗୌରୀଶଙ୍କର ଟାଉନ ହଲ କଟକପକ୍ଷରୁ ସମ୍ମାନିତ କରାଯାଇଛି। ଏକାଡେମୀ ସମ୍ପାଦକ ଗିରିଜା ଶଙ୍କର ମହାପାତ୍ର, ଓଡ଼ିଶା ଭାଷା ଓ ସସ୍କୃତି ବିଭାଗ ମୁଖ୍ୟ ବକ୍ତା ଦିଲୀପ ରାଉତରାୟ, ସାହିତ୍ୟିକ, କବି ତଥା ପୂର୍ବତନ ବିଧାୟକ ପ୍ରସନ୍ନ ପାଟଶାଣି, କମିଟି ସଭାପତି ପ୍ରମୋଦ ମିଶ୍ର ପ୍ରମୁଖ ଦେବେନ୍ଦ୍ରଙ୍କୁ ସମ୍ମାନୀତ କରିଥିଲେ ।

# ୨ଟି ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟିତ

**ମଞ୍ଜୁରୀରୋଡ,୩।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିଠାରେ ସଭାପତି ସାଗର କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି । ସମିତି ସମ୍ପାଦକ ସନ୍ତୋଷ ଦାସଙ୍କ ସଂଯୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟ ନିତ୍ୟାନନ୍ଦ ନାୟକ, ପ୍ରଶାନ୍ତ ରାଉତ, ବିଳାସ ସାମଲ, ସିଦ୍ଧନାଥ ଦାସ, ବିଦ୍ୟାଧର ସ୍ୱାଇଁଙ୍କ ସମେତ ବରିଷ୍ଠ ଚାଷୀମାନେ ଯୋଗଦେଇ ଥିଲେ । କର୍ମଚାରୀ ଓଁକାର ବାରିକ, ବିଜୟନାୟକ, ହୁରେନ୍ଦ୍ର ଜେନା ପରିଚାଳନା କରିଥିଲେ। ସେହିଭଳି ବାଲିପୋଖରୀ ସମିତିଠାରେ ମଧ୍ୟ ଆଜି ମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ପିନାକି ରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସଭାପତି ଅଧର ରାଉତ, ସମବାୟ ଅଧିକାରୀ ବସନ୍ତ ରଣା, ବରିଷ୍ଠ କର୍ମଚାରୀ ମଦନ ଦାସ, ବସନ୍ତ ତ୍ରିପାଠୀ, ରାଜଦିପ ପରିଡ଼ା, ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଅଜିତ ସାହୁ, ପ୍ରଦୀପ ରାଉତ, ସନ୍ତୋଷ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



# କ୍ରୀଡ଼ାକୁ କ୍ୟାରିୟର କଲେ ରୋଜଗାର ଓ ସୁନାମ ମିଳିବ

ଭଦ୍ରକ,୩ା୧(ସମିସ)





ବିଭିନ୍ନ ପ୍ରତିଭାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କର ନିଆରା କାର୍ଯ୍ୟକ୍ରମ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗତ ୨୭.୧୨.୨୩ ରୁ ଆରମ୍ଭ ହୋଇଥିବା ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ୍, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଏସ୍‌ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସିଡିଓ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗଦେଇ କ୍ରୀଡ଼ା, ସାଂସ୍କୃତିକ ଆଦି ପ୍ରତିଭା ଚିହ୍ନଟ ଓ ସେମାନଙ୍କ ବିକାଶ ଦିଗରେ ନୂଆ ଓ କାର୍ଯ୍ୟକ୍ରମର ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ .ମ୍ପିୟନ ଓ ରନର୍ସଅପ ଦଳମାନଙ୍କୁ ଆର୍ଥିକ ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ପ୍ରଥମ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ଓ ଦୁଇଟି ଲେଖାଏଁ ଦ୍ୱିତୀୟ ରନର୍ସଅପ ଦଳକୁ ୨୦ ହଜାର ଲେଖା ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି କ୍ରୀଡ଼ା ଉତ୍ସବରେ ସମୁଦାୟ ୬ଟି ଖେଳରେ ୭୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏବଂ ୧୧୦୫ ଜଣ ଖେଳାଳି ଏଥିରେ ଅଂଶ ଗ୍ରହଣ କରିଥିଲେ। ଚଳଚ୍ଚିତ୍ର ତାରକା ପୁପିନ୍ଦର ଉଦ୍‌ଘୋଷକ ଭାବେ ଯୋଗଦେଇ ଥିଲେ। ପୁରସ୍କାର ବିତରଣ ପରେ କଣ୍ଠଶିଳ୍ପୀ ଆଶୁତୋଷ, ନାଭ୍ୟା ଜାଇତି, ଜାଜ୍ଞସେନୀ ନାୟକଙ୍କ ଦ୍ୱାରା ପରିବେଶିତ ମେଲୋଡି ଖୁବ୍ ମନମୁଗ୍ଧକର ଥିଲା। ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବରେ ଆୟୋଜିତ ହୋଇଥିବା ନିର୍ଦ୍ଧାରିତ ୬ଟି ଖେଳ ମଧ୍ୟରେ ମହିଳା କ୍ରିକେଟ୍‌ରେ ଭଦ୍ରକ କ୍ରିକେଟ୍ ଆକାଡ଼େମୀ ଚାମ୍ପିଅନ, ବୈତରଣୀ ବାଳିକା କ୍ରିକେଟ୍, ଧାମନଗର ୧ମ ରନର୍ସ ଅପ୍, ପୁରୁଷ କ୍ରିକେଟ୍‌ରେ ଏସ୍‌ବିଡି କ୍ରିକେଟ୍ ଆକାଡେମୀ ଚାମ୍ପିଅନ, କଳିଙ୍ଗ ସ୍ପୋର୍ଟସ୍ କ୍ଲବ୍, ତେନ୍ତୁଳିଡ଼ିହି, ବାସୁଦେବପୁର ୧ମ ରନର୍ସଅପ୍, ମହିଳା ଭଲିରେ ବ୍ରାହ୍ମଣ ଗାଁ ବାଳିକା ଭଲିବଲ ଟିମ୍ ବାସୁଦେବପୁର ଚାମ୍ପିଅନ, ଏଏସ୍‌ଏଚ୍‌ଏସ୍ ଅଚକ, ତିହିଡି ୧ମ ରନର୍ସଅପ୍, ଭଲିବଲ ପୁରୁଷରେ ପାୱାର ଷ୍ଟ୍ରାଇକର ନରସିଂହପୁର, ଚାନ୍ଦବାଲି ଚାମ୍ପିଅନ, ବିକେ ଏସ୍ ଏ. ଭଲିବଲଟିମ୍, ଚୁଡ଼ାମଣି ବାସୁଦେବପୁର ୧ମ ରନର୍ସଅପ୍, କବାଡ଼ି ମହିଳାରେ ପଞ୍ଚାୟତ ଡିଗ୍ରୀ କଲେଜ, ବାରିକପୁର ଭଣ୍ଡାରିପୋଖରୀ ଚାମ୍ପିଅନ, ଚାନ୍ଦବାଲି ୱାରିଅରସ ୧ମ ରନର୍ସ ଅପ୍, କବାଡ଼ି ପୁରୁଷରେ ନବଦିଗନ୍ତ ଯୁବକ ସଂଘ, ଧାମନଗର ଚାମ୍ପିୟନ କଳିଙ୍ଗ କ୍ଲବ୍, ଜଗନ୍ନାଥପୁର, ଭଦ୍ରକ ୧ମ ରନର୍ସ ଅପ୍, ମହିଳା ଖୋ ଖୋ ରେ ଜେଜେ କେଏଚ୍, ଆନନ୍ଦପୁର, ଧାମନଗର ଚାମ୍ପିୟନ, ମା ଦୁର୍ଗା ଟିମ୍ ଭଦ୍ରକ ୧ମ ରନର୍ସ ଅପ୍, ପୁରୁଷ ଖୋ ଖୋରେ ଜେଜେକେଏଚ, ଆନନ୍ଦପୁର, ଧାମନଗର ଚାମ୍ପିୟନ ଓ ବୀଣାପାଣି ଖୋଖୋ ଟିମ୍ ଗୁଆମାଳ ତିହିଡ଼ି ୧ମ ରନର୍ସଅପ୍, ହକି ମହିଳାରେ ବାସୁଦେବପୁର ମହିଳା ହକିଟିମ୍ ଚାମ୍ପିୟନ, ଭଦ୍ରକ ହକି ୧ମ ରନର୍ସଅପ, ହକି ପୁରୁଷରେ ବାସୁଦେବପୁର ହକିଟିମ୍ ଚାମ୍ପିୟନ, ପ୍ରଗତିକ୍ଲବ୍, ବାସୁଦେବପୁର ୧ମ ରନର୍ସଅପ୍, ଫୁଟବଲ ମହିଳାରେ ଭଦ୍ରକ ଜିଲ୍ଲା ମହିଳା ଫୁଟବଲ ସଂଘ ଚାମ୍ପିୟନ, ବୈତରଣୀ ଗାର୍ଲସ୍ ଫୁଟବଲ ଟିମ୍ ଧାମନଗର ୧ମ ରନର୍ସଅପ୍, ଫୁଟବଲ ପୁରୁଷରେ ଓକରା ଫୁଟବଲ ଟିମ୍ ଭଦ୍ରକ ଚାମ୍ପିୟନ, ହନୁମାନ ଜିଉ ଫୁଟବଲ୍ ଟିମ୍ ଭଦ୍ରକ ୧ମ ରନର୍ସ ଅପ୍ ହୋଇଥିବା ଜଣାଯାଇଛି। ପ୍ରତି ବର୍ଗରେ ଖେଳରେ ୨ଟି ଲେଖା ଦଳକୁ ୨ୟ ରନର୍ସଅପ୍ ଭାବେ ମଧ୍ୟ ପୁରସ୍କୃତ କରାଯାଇଛି। ୬ଟି ଖେଳରେ ମହିଳା ବର୍ଗର .ମ୍ପିୟନ ଦଳକୁ କୃଷି ଓ କୃଷକ ସଶକ୍ତ କରଣ ବିଭାଗ ର ମିଲେଟ ମିଶନ ତରଫରୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଛି। ଏସିଡିଓ. କୁଶଳ ଚନ୍ଦ୍ର ନାୟକ, ଏପିଡି. ପ୍ରହ୍ଲାଦ ରଣା, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଡିପିଏମ୍. ସଞ୍ଜୟ ବାରିକ୍, ସ୍ୱଚ୍ଛ ସଞ୍ଚୟ ଅଧିକାରୀ ପଦ୍ମନ୍ନ ରାୟ, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ କ୍ରିୟଦର୍ଶୀ ଖୁଣ୍ଟିଆ, ସିଟିଡି. ଏସ୍‌ପି. ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା କ୍ରୀଡ଼ାଧିକାରୀ ତନ୍ମିତା କର, କୃଷି ଅଧିକାରୀ ଶ୍ରୀଧର ଦାସ ପ୍ରମୁଖ ଏହି କାର୍ଯ୍ୟ କ୍ରମରେ ଉପସ୍ଥିତ ଥିଲେ।

## 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

---

ଜାତୀୟ ବାସ୍କେଟବଲ୍ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାରୁ ଆଦ୍ୟାଶା ଓ ଲିପ୍‌ଶିଖା ମନୋନୀତ



ଭଦ୍ରକ,୩ା୧(ସମିସ): ଛତିଶଗଡ଼ର ରାଜନନ୍ଦଗାଁଓ ଠାରେ ହେବାକୁ ଥିବା ଜାତୀୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ବାସ୍କେଟବଲ୍ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ବିଦ୍ୟାଳୟସ୍ତରୀୟ ବାସ୍କେଟବଲ୍ ଦଳରେ ଭଦ୍ରକ ଜିଲ୍ଲାରୁ ୨ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଦୁଇ ଖେଳାଳିହେଲେ ଆଦ୍ୟାଶା ଆଦିତି ବେହେରା ଓ ଲିପ୍‌ଶିଖା ମହାଲିକ୍। ଦୁଇ ମନୋନୀତ ଖେଳାଳି ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟର ୧୦ ଶ୍ରେଣୀର ଛାତ୍ରୀ। ଆଦ୍ୟାଶା ହଳଦିଡିହ ବାଇପାସ୍‌ସ୍ଥିତ ମିର୍ଜାପୁର ଗ୍ରାମର ଦୁଃଶାସନ ବେହେରାଙ୍କ କନ୍ୟା ହୋଇଥିବା ବେଳେ ଲିପ୍‌ଶିଖା ଚାନ୍ଦବାଲି ବ୍ଲକ ବଡ଼ଓସ୍ତିଆ ଗ୍ରାମର ବିଚିତ୍ରାନନ୍ଦ ମହାଲିକ୍‌ଙ୍କ କନ୍ୟା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ଜାତୀୟ ପ୍ରତିଯୋଗିତା ନିମନ୍ତେ ପ୍ରଥମଥର ପାଇଁ ଭଦ୍ରକ ଜିଲ୍ଲାରୁ ଖେଳାଳିସ୍ଥାନ ପାଇଥିବାରୁ ଜିଲ୍ଲାର କ୍ରୀଡ଼ାପ୍ରେମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ଦୁଇ ଖେଳାଳି କୋଚ୍ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରଶିକ୍ଷଣ ନେଉଥିବା ବେଳେ ତାଙ୍କ ମନୋନୟନ ନେଇ ସେ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇପିଇ ମାନସ ରାଉଳ, ଡିଇଓ, ଏଡିଇଓ, ସରାକରୀ ବାଳିକା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ

## ମୁଖ୍ୟ ଆକର୍ଷଣ ଫ୍ୟାଶନ ସୋ



ଆଗରପଡ଼ା,୩ା୧(ସମିସ): ଆଗରପଡ଼ାସ୍ଥିତ ହେମପଦ୍ମ ଗାଲାସ୍କିଠାରେ ୨ୟ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ ସଭାରେ କମିଟି ସଭାପତି ଇଂ ଅମିୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଅତିଥି ଭାବେ ଗୋପୀନାଥପୁର ସରପଞ୍ଚ ସବିତା ନାୟକ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ଆଡ଼ିଆ ସରପଞ୍ଚ ମୀନା କୁମାରୀ ଜେନା ଏବଂ କମିଟି ଉପଦେଷ୍ଟା ନିରଜ ଆଇଚ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ମହୋତ୍ସବ ତରଫରୁ ଆୟୋଜିତ 'ମିସ ଆଗରପଡ଼ା' ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଆଦ୍ୟାସା ନାଥଙ୍କୁ ପୁରସ୍କାର ସ୍ୱରୂପ ରୂପା ମୁକୁଟ ପ୍ରଦାନ କରାଯାଇଥିବା ବେଳେ ୨ୟ ସ୍ଥାନ ଓ ୩ୟ ସ୍ଥାନ ଅଧିକାର କରିଥିବା ସୋଭାଗ୍ୟ ମଞ୍ଜରୀ ପୁହାଣ ଓ ମନ୍ଦାକିନୀ ସିଂହଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଓଡ଼ିଶା ଆୟୋଜିତ ଫ୍ୟାସନ ସୋ କାର୍ଯ୍ୟକ୍ରମ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

## ବିଏସ୍‌କେୱାଇ ପାଇଁ ଯନ୍ତ୍ରଣାରୁ ମୁକ୍ତି ପାଇଲେ ମାଧବୀ



ଭଦ୍ରକ,୩ା୧(ସମିସ): ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ପାଇଁ ମୁଁ ପ୍ରବଳ ଯନ୍ତ୍ରଣାରୁ ମୁକ୍ତି ପାଇଲି । ଖାଲି ସେତିକି ନୁହେଁ ବିଳମ୍ବ ହୋଇଥିଲେ କିଛି ବଡ଼ ରୋଗ ସମ୍ଭାବନାରୁ ବି ବର୍ତ୍ତିଗଲି। ଏକଥା କହିଛନ୍ତି ଭଦ୍ରକ ସହର ସାହାପୁର(ଗବସାହି) ନିବାସୀ ଚାଷୀ ଦସନାର୍ଦ୍ଧନ ମହାରଣାଙ୍କ ପତ୍ନୀ ମାଧବୀ ମହାରଣା(୩୮) । ମାଧବୀଙ୍କ କହିବା ତାଙ୍କର ଗର୍ଭାଶୟରେ ସମସ୍ୟା ଥିଲା । ଫଳରେ ସେ ବହୁ କଷ୍ଟପାଇ ଆସୁଥିଲେ। ଏହାର ଚିକିତ୍ସା ପାଇଁ ତାଙ୍କର ଆବଶ୍ୟକ ସମ୍ବଳ ନ ଥିଲା। କିନ୍ତୁ ତାଙ୍କର ରାଜ୍ୟ ସରକାରଙ୍କ ବିଏସ୍‌କେୱାଇଁ କାର୍ଡଥିଲା । ନିକଟସ୍ଥ ସ୍ୱାସ୍ଥ୍ୟମିତ୍ରଙ୍କ ପରାମର୍ଶକ୍ରମେ ଏହି କାର୍ଡରେ ମାଗଣାରେ ଅପରେସନ ହେବ ବୋଲି ଜାଣିବାକୁ ପାଇଲି। ତେଣୁ ସେ ଏହି କାର୍ଡ ଯୋଗୁଁ ସେ ଗତ ୨୯ତାରିଖରେ ଭଦ୍ରକ ଶୁଭମ ନର୍ସିଂହୋମରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଆଜି ତାଙ୍କର ଅପରେସନ ହୋଇଛି। ଅପରେସନ ସଫଳ ବି ହୋଇଛି । ତାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅପରେସନ କରାଯିବ ସହ ୫ଦିନର ମାଗଣା ଔଷଧ ବି ଦିଆଯାଇଥିବା ମାଧବୀ କହିଛନ୍ତି । ଆଜି ତାଙ୍କୁ ଡିସ୍‌ଚାର୍ଜ ବି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ବିଏସ୍‌କେୱାଇଁ କାର୍ଡ ଯୋଗୁଁ ମୁଁ ଯନ୍ତ୍ରଣାରୁ ମୁକ୍ତି ପାଇଥିବାରୁ ସେ ସରକାରଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି । ସୂଚନାଯୋଗ୍ୟ, ମାଧବୀଙ୍କ ଅପରେସନ ବିଳମ୍ବ ହୋଇଥିଲେ ତାଙ୍କୁ କିଛି ଗୁରୁତର ରୋଗ ବି ହେବାର ସମ୍ଭାବନା ଥିବା ଚିକିତ୍ସକ ମାନେ ପରାମର୍ଶ ଦେଇଥିଲେ।

## ଶିକ୍ଷାବିତ୍ ସୁଦାମଚରଣ ପାଣିଗ୍ରାହୀଙ୍କ ସ୍ମୃତିଚାରଣ ସଭା

ପଦ୍ମପୁର,୩ା୧(ସମିସ): ଶିକ୍ଷାବିତ୍ ସୁଦାମ ଚରଣ ପାଣିଗ୍ରାହୀ କେବଳ ଜଣେ ଆଦର୍ଶ ଶିକ୍ଷକ ନ ଥିଲେ, ସେ ନିଜେ ଥିଲେ ଏକ ଶିକ୍ଷାନୁଷ୍ଠାନ। ଶିକ୍ଷାଦାନ କରି ମଣିଷ ଗଢିବା ସହ ଜଣେ ପ୍ରବୀଣ ହୋମିଓପାଥିକ ଚିକିତ୍ସକ ଭାବେ ମଧ୍ୟ ଅନେକ ବର୍ଷ ଧରି ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ସୁସ୍ଥ କରୁଥିଲେ । ପଦ୍ମପୁର ଗୀତାଜ୍ଞାନ ମହାଯଜ୍ଞ ସମିତିରସେ ପୁରୋଧା ଥିଲେ ବୋଲି ଆଜି ଶିକ୍ଷାବିତ ସୁଦାମ ଚରଣ ପାଣିଗ୍ରାହୀଙ୍କ ବିୟୋଗରେ ପଦ୍ମପୁର କୃପାସିନ୍ଧୁ, ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ମୃତିଚାରଣ ସଭାରେ ମତପ୍ରକାଶ ପାଇଥିଲା ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ଦାସ ସଭା ସଞ୍ଚାଳନ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ-ବାବାଜୀ ଚରଣ ସାମଲ, ବାଇଧର ନାୟକ, ରମାକାନ୍ତ ନାୟକ, ଅରୁଣ କୁମାର ଶତପଥୀ ଓ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପତି ତଥା ଶିକ୍ଷକ-ଶିକ୍ଷୟିତ୍ରୀ-ସଦାନନ୍ଦ ପାଣିଗ୍ରାହୀ, ଅମୂଲ୍ୟ ନାୟକ, କନକ ମଞ୍ଜରୀ ନାୟକ, ଅକ୍ଷୟ ଅଧିକାରୀ, ଶାନ୍ତନୁ ଦାସ, ହରସ୍ମିତା ରାଉତ, ଭାରତୀ ଖୁଣ୍ଟିଆ, ସ୍ୱର୍ଣ୍ଣପ୍ରଭା ବେହେରା, ବାସନ୍ତୀ ଲତା ଦାସ, ଜୟଶ୍ରୀ ପଣ୍ଡା, ଝାନସୀରାଣୀ ରାଉତ, ଦୀପାଞ୍ଜଳି ମହାରଣା, ସୁମନ୍ତ ମହାରଣା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ରଞ୍ଜନ ଧୂପାଳ ଓ ଛାତ୍ରଛାତ୍ରୀ, ଅଭିଭାବକ ତଥା ବହୁ ଗ୍ରାମବାସୀ ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ଥିଲେ। ଏହି ସ୍ମୃତିସଭାକୁ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ନାୟକ ସ୍ୱାସ୍ଥ୍ୟଗତ କାରଣରୁ ଆସିପାରି ନ ଥିଲେ ବି ନିଜର ଲିଖିତ ଶୋକ ଶୋକବାର୍ତ୍ତା ପଠାଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୩ା୧(ସମିସ): ଏହି ବ୍ଲକ୍ ଅଧୀନ ବାହାଦଲପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୁଧବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଓ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁଙ୍କ ସଞ୍ଚାଳନାରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ନାଟ୍ୟକାର ମନୋଜ କୁମାର ରାଉତରାୟ ମୁଖ୍ୟବକ୍ତା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷାବିତ ପୁରୁଷୋତ୍ତମ ଧଳ, ଶ୍ରୀନିବାସ ପାଲ, ସୁନୀଲ ନାୟକ, ଘନଶ୍ୟାମ ସ୍ୱାଇଁ, ମାୟାଧର ଦାଶ, ଶିକ୍ଷା ସଂଯୋଜକ ବିକ୍ରମ ସୌରଭ ରାୟ, କୈଳାସ ସାମଲ, ସରପଞ୍ଚ ପ୍ରତିନିଧି ସୁବାସ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତି, ଶାନ୍ତିଲତା ଜେନା, ଶରତ କୁଣ୍ଡୁ, ନିରଞ୍ଜନ ସେନାପତି, ବିଜୟ ଲେଙ୍କା, ସୁହାସିନୀ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷୟତ୍ରୀ ମଞ୍ଜୁଲତା ନାୟକଙ୍କ ସରଳ ଜୀବନଚର୍ଯ୍ୟ, ଶିକ୍ଷାଦାନ ଶୈଳୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ନିରାମୟ ଅବସର ଜୀବନ କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶୁଭ୍ରକଳିକା ଗୋଚ୍ଛାୟତ ଅତିଥି ପରିଚୟ ଓ ଗୀତାରାଣୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ସଙ୍ଗୀତଜ୍ଞ ଚନ୍ଦ୍ରଶେଖର ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।




## ଚଣ୍ଡିଗାଁ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ଭଦ୍ରକ,୩ା୧(ସମିସ): ଭଦ୍ରକ ବ୍ଲକ୍ ଅଧୀନ ଚଣ୍ଡିଗାଁ ସେବାସମବାୟ ସମିତିରେ ଆଜି ଧାନମଣ୍ଡି ଶୁଭାରମ୍ଭ ହୋଇଛି । ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଏହାକୁ ଉଦ୍‌ଘାଟନ କରି ଧାନକିଣା ବିକାରେ ଚାଷୀମାନଙ୍କୁ ହଇରାଣ ହରକତ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଧାନର ଉପଯୁକ୍ତ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମବାୟ ସମିତିର କର୍ମକର୍ତ୍ତାମାନଙ୍କୁ କହିଥିଲେ। ଏହି ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚଣ୍ଡିଗାଁ ସମବାୟ ସମିତି ସଭାପତି ବିକାଶ କୁମାର ମହାନ୍ତି, ସମ୍ପାଦକ ବିଭୂତିଭୂଷଣ ନାୟକଙ୍କ ସମେତ ସଭ୍ୟ, ସଭ୍ୟାମାନେ ଉପସ୍ଥିତ ଥିଲେ।

## ଆଗରପଡ଼ା ଥାନାରେ ଗଣଧାରଣା

ଆଗରପଡ଼ା,୩ା୧(ସମିସ): ବୁଧବାର ଆଗରପଡ଼ା ଥାନାର ନିଲମ୍ବିତ ଏଏସ୍‌ଆଇ ମହେନ୍ଦ୍ର ଗିରି ଓ କନେଷ୍ଟବଳ ଚିନ୍ମୟ ଦେହୁରୀଙ୍କ ସହ ଏଠାରୁ ବଦଳି ହୋଇଥିବା ହୋମଗାଡର୍ ଗଜେନ୍ଦ୍ର ନାୟକ ଓ ଅରୁଣ ଦାସଙ୍କୁ ଗିରଫ, ଗୋପିନାଥ ନାୟକଙ୍କ ନାମରେ ଦିଆଯାଇଥିବା କେସ ପ୍ରତ୍ୟାହାର, ତାଙ୍କ ଠାରୁ ଛଡ଼ାଇ ନେଇଥିବା ମୋବାଇଲ, ସୁନାଚେନ ଫେରାଇବା ଆଦି ଦାବିରେ ବିଜେପି ପକ୍ଷରୁ ଆଗରପଡ଼ା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ବରିଷ୍ଠ ନେତା ପଞ୍ଚାନନ ନାୟକ, ଶିବାନନ୍ଦ ଦାସ ଅଧିକାରୀ ,ଅମୁଲ୍ୟରତ୍ନ ନନ୍ଦ, ବାମଦେବ ଦାସ, ରାଜୀବ ଲୋଚନ ରାୟ, ପ୍ରଫୁଲ୍ଲ ସିଂହ, ଗୋପାଳ ଦାଶ, ଲମ୍ବୋଧର ତ୍ରିପାଠୀ, ଭବାନୀ ବିଶ୍ୱାଳ, ଅଶୋକ ମହାନ୍ତି, ରମାକାନ୍ତ ଜେନା, ନରୋତ୍ତମ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଗତ ୩୦ ତାରିଖ ରାତିରେ ମେଲୋଡି ପ୍ରୋଗ୍ରାମ ସାରି ଘରକୁ ଫେରୁଥିବାବେଳେ ତେଲନଟି ଗ୍ରାମର ମଞ୍ଚ କଳାକାର ଗୋପୀନାଥ ନାୟକଙ୍କୁ ଆଗରପଡ଼ା କାଣ୍ଡବା ସାଳନ୍ଦୀନଦୀ ସେତୁ ନିକଟରେ ମାଡ଼ମାରି ଉପରୋକ୍ତ ଚାରି ପୁଲିସ କର୍ମଚାରୀ ମୋବାଇଲ ଓ ସେ ପିନ୍ଧିଥିବା ସୁନାଚେନକୁ ଛଡ଼ାଇ ନେଇଥିଲେ ବୋଲି ଗୋପୀନାଥଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ନିଲମ୍ବିତ ଏଏସ୍‌ଆଇଙ୍କ ଅଭିଯୋଗ ମୂଳେ ମଧ୍ୟ ଗୋପୀନାଥଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏସ୍‌ପିଙ୍କ ପ୍ରତିଶ୍ରୁତି ପାଇବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବୟସ ପ୍ରମାଣ ପରେ ଘରକୁ ଫେରିଲେ ପ୍ରେମୀଯୁଗଳ

ଭଣ୍ଡାରିପୋଖରୀ,୩ା୧(ସମିସ): ଭଣ୍ଡାରିପୋଖରୀ ଥାନା ସରପଦା ଗ୍ରାମର ପ୍ରେମୀଯୁଗଳ ବୁଧବାର ଥାନାରୁ ଘରକୁ ଫେରିଥିବା ଜଣାଯାଇଛି। ଗ୍ରାମର ଇପ୍‌ଷିତା ରାଉତଙ୍କ ସହ କୁଶ ବାରିକଙ୍କର ଦୀର୍ଘ ବର୍ଷ ଧରି ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏନେଇ ଉଭୟ ପରିବାର ମଧ୍ୟରେ ମନୋମାଳିନ୍ୟ ହୋଇ ଥାନାରେ ସମାଧାନ ହୋଇଥିଲା। ଇପ୍‌ଷିତା ପ୍ରାପ୍ତ ବୟସ୍କ ହେବାପରେ ପ୍ରେମୀ ଯୁଗଳ ଗ୍ରାମରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଇପ୍‌ଷିତାର ବଡ଼ଭଉଣୀ ଗତ ୨୮ ତାରିଖରେ ଥାନାରେ ଅପହରଣ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ହେବାରୁ ପ୍ରେମୀଯୁଗଳ ଥାନାରେ ହାଜର ହୋଇ ପରସ୍ପର ସ୍ୱଇଚ୍ଛାରେ ବିଭା ହୋଇ ପତିପତ୍ନୀ ଭାବେ ଗ୍ରହଣ କରିଛନ୍ତି ବୋଲି ବୟାନ ଦେଇଥିଲେ। ମାତ୍ର ଇପ୍‌ଷିତା ପରିବାର ପକ୍ଷରୁ ମେଡିକାଲ ପ୍ରମାଣପତ୍ର ପ୍ରଦାନ କରାଯାଇ ଇପ୍‌ଷିତା ନାବାଳିକା ଥିବା ଦର୍ଶାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଇପ୍‌ଷିତାକୁ ଭଦ୍ରକ ସର୍ଟ ସେଲଟର ହୋମ ଆସିଆନାକୁ ପଠାଯାଇଥିଲା। ଇପ୍‌ଷିତା ପକ୍ଷରୁ ମାଟ୍ରିକ ସାର୍ଟିଫିକେଟ ପ୍ରଦାନ କରାଯାଇ ପ୍ରାପ୍ତବୟସ୍କ ହୋଇଥିବା ଦାବି କରାଯାଇଥିଲା। ସମସ୍ତ ପ୍ରମାଣପତ୍ରକୁ ଯାଞ୍ଚ କରାଯାଇ ଇପ୍‌ଷିତା ପ୍ରାପ୍ତ ବୟସ୍କ ଥିବା ନିର୍ଣ୍ଣୟ କରାଯାଇ ବୁଧବାର ପ୍ରେମୀଯୁଗଳଙ୍କୁ ଏକାଠି ଛାଡ଼ି ଦିଆଯାଇଥିବା ଜଣାଯାଇଛି।

## ରାସାୟନିକ ବିପର୍ଯ୍ୟୟ ମୁକାବିଲା ଆଲୋଚନାଚକ୍ର

ଭଦ୍ରକ,୩ା୧(ସମିସ): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ୟାମଳ ରାୟଙ୍କ ଅଧ୍ୟକ୍ଷତାରେ ଏକ ରାସାୟନିକ ବିପର୍ଯ୍ୟୟର ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ଫେକର୍ ଇଣ୍ଡଷ୍ଟ୍ରି ଅଧିକାରୀମାନେ ଯୋଗଦେଇଥିଲେ। ଓସଡମା ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିପର୍ଯ୍ୟୟର ସମୟରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକର ସହଭାଗିତା ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ଆସନ୍ତା ୮ ତାରିଖରେ ଜିଲ୍ଲା ପ୍ରସ୍ତୁତି ବୈଠକ, ୯ରେ ଟେବୁଲ ଟପ୍ ଏକ୍ସରସାଇଜ ଏବଂ ୧୧ରେ ମକ୍ ଏକ୍ସରସାଇଜ କରିବା ପାଇଁ ଧାର୍ଯ୍ୟ କରାଯାଇଛି।

## ଏମ୍‌ବିଏସ୍‌ୱାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ତିହିଡ଼ି,୩ା୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ସୟା ଧୂଳିପଦାରେ ଚାଲିଥିବା ୧୯ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ଜେଜେ ସ୍ପୋର୍ଟିଂ, ଦେଉଳା ୧୦୯ ରନ୍‌ରେ ଦୋଳସାହି ଇମ୍ପେରିଆଲ ୟଥ୍ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦେଉଳା ୨୦ ଓଭରରେ ୫ ୱିକେଟ ହରାଇ ୨୮୪ ରନ ସଂଗ୍ରହ କରିଥିଲା। ଦୋଳସାହି ୧୯ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୭୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦେଉଳାର ଅଜିତ କୁମାର ପଲେଇ ୧୩୫ ରନ ବ୍ୟକ୍ତିଗତ ଭାବେ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଶୋକ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଭାଇଚାରା ବଜାୟ ରଖି ଖେଳିବାକୁ ଉପଦେଶ ଦେଇଥିଲେ। ସଭାପତି ସରୋଜ ଦାସ, ଯୁବନେତା ବିପିନ ପତି, ଗଣେଶ ମଲିକ, ବଳରାମ କବି, ଶିବପ୍ରସାଦ ନାୟକ, ନାରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ମହାନ୍ତି ଓ କୃପାସିନ୍ଧୁ ପାଢ଼ୀ ଖେଳ ପରିଚାଳନା କରିଥିବାବେଳେ ଅଶୋକ ମଲିକ, ଶିଶିର ନାୟକ, ଶରତ ଲେଙ୍କା ଧାରା ବିବରଣୀ, ସ୍ୱାଗତ ରାଉତ, ପ୍ରବୋଧ ରଞ୍ଜନ ସାହୁ ସ୍କୋରର, ବିକାଶ ଭୂଷଣ ନାୟକ, ଜ୍ୟୋତିରଞ୍ଜନ ନାୟକ, ତପନ ନାୟକ ଥାଉର୍ ଅମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ଲକ୍ଷ୍ମଣ ନାୟକ, ପୂର୍ବତନ ସଭାପତି କାହ୍ନୁଚରଣ ଶତପଥୀ, ମଧୁସୂଦନ ମଲିକ, ଲଲାଟେନ୍ଦୁ ମଲିକ, ସଞ୍ଜୟ ସେଠୀ, ପ୍ରଶାନ୍ତ ସାମଲ, କାଳିନ୍ଦୀ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ମେଡିକାଲରେ ରୋଗୀଙ୍କୁ ଫଳ ବିତରଣ

ଭଣ୍ଡାରିପୋଖରୀ,୩ା୧(ସମିସ): ଡ. ଆମ୍ବେଦକର ଦଳିତ ସେବା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବିତରଣ କରାଯାଇଛି। ଉମାକାନ୍ତ ଯେନା, ସମ୍ପାଦକ ଉମାକାନ୍ତ ଜେନା(ଖ), କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ଉପଦେଷ୍ଟା ତରଣୀସେନ ଜେନା ପ୍ରମୁଖ ଗୋରୀମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ରାଜ୍ୟ ଶିଶୁସୁରକ୍ଷା କମିଟି ସଦସ୍ୟା ତଥା ବିଜୁ ଜନତା ଦଳର ମହିଳା ନେତ୍ରୀ ସୁଜାତା ଜେନା ଫଳ ବିତରଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଓ କର୍ମଚାରୀ ଏହି କାର୍ଯ୍ୟରେ ସହାୟତା କରିଥିଲେ। ସଂଘ ପକ୍ଷରୁ ସଦସ୍ୟ ସୁଜିତ କୁମାର ଜେନା, ଭାଗବତ ଜେନା, ଧନେଶ୍ୱର ଜେନା, ବାବାଜି ଜେନା, ଧରଣୀ ଜେନା, କାଳିଆ ପରିଡା, ହରେକୃଷ୍ଣ ଦାସ, ଶରତ ପଲେଇ ପ୍ରମୁଖ ବିତରଣରେ ସହଯୋଗ କରିଥିଲେ।

ଭଦ୍ରକ ଜିଲ୍ଲା ସ୍କୁଲ୍ କ୍ରିକେଟ୍ ଉଦ୍‌ଯାପିତ

## କାରମେଲ୍ ସ୍କୁଲ୍‌କୁ ହରାଇ ସତ୍ୟସାଇ ବିଦ୍ୟାପୀଠ ଚାମ୍ପିଅନ୍



ଭଦ୍ରକ,୩ା୧(ସମିସ): ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ରେଳପଥ କ୍ରୀଡ଼ାଙ୍ଗନରେ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ ଭଦ୍ରକର ସତ୍ୟସାଇ ବିଦ୍ୟାପୀଠ ୭ ୱିକେଟ୍‌ରେ କାରମେଲ୍ ସ୍କୁଲ୍‌କୁ ହରାଇ ଚାମ୍ପଅନ୍ ହୋଇଛି। ଟସ୍ ଜିତି ପ୍ରଥମେ କାରମେଲ୍ ସ୍କୁଲ୍ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଓ ବ୍ୟାଟିଂ ବିପର୍ଯ୍ୟୟ ହେତୁ ଦଳର ସ୍କୋର୍ ସମସ୍ତ ୱିକେଟ୍ ବିନିମୟରେ ୧୧୫ ରନ୍‌ରେ ସୀମିତ ହୋଇଥିଲା। ଦଳ ତରଫରୁ ଧର୍ମରାଜ ଭୋଳ ସର୍ବାଧିକ ୨୭ ରନ୍ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାହୁଲ୍ ପ୍ରଧାନ ୨୩ ରନ୍ ଓ ଆଶିଷ କୁମାର ମହାପାତ୍ର ୧୪ ରନ୍ କରିଥିଲାବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସତ୍ୟସାଇ ତରଫରୁ ଆଶିଷ କୁମାର ମହାପାତ୍ର ୩ ୱିକେଟ୍ ଅକ୍ତିଆର କରିଥିବାବେଳେ, ରୌନକ୍ ମିଶ୍ର, ଅମନ୍‌ଦୀପ୍ ଜେନା, ଗଣେଶ କୁମାର ସାହାଣୀ ପ୍ରତ୍ୟେକେ ୨ ୱିକେଟ୍ ଅକ୍ତିଆର କରିଥିଲେ। ୧୧୬ ରନ୍‌ର ଲକ୍ଷ୍ୟ ନେଇ ସତ୍ୟସାଇ ବ୍ୟାଟିଂ ଆରମ୍ଭ କରିଥିଲା ଓ ମାତ୍ର ୧୪.୨ ଓଭରରେ ୩ ୱିକେଟ୍ ବିନିମୟରେ ୧୧୭ ରନ୍ ସଂଗ୍ରହ କରିନେଇଥିଲା। ଦଳ ତରଫରୁ ରୋହିତ୍ ପାଲ୍ ୩୩ ରନ୍, ଆଶିଷ ମହାପାତ୍ର ୩୨ ରନ୍, ଗଣେଶ କୁମାର ସାହାଣୀ ୧୮ ରନ୍, ରାହୁଲ୍ ପ୍ରଧାନ ୧୪ ରନ୍ ସଂଗ୍ରହ କରିଥିଲେ। କାରମେଲ୍ ତରଫରୁ ବୋଲିଂ କରି ସୌରାଶିଷ୍ ବାରିକ୍ ୨ଟି ୱିକେଟ୍ ନେଇଥିଲେ। ସତ୍ୟସାଇ ବିଦ୍ୟାପୀଠର ଅଧିନାୟକ ଆଶିଷ ମହାପାତ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ଅଲ୍ ରାଉଣ୍ଡର୍ ଖେଳ ପାଇଁ 'ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେ' ସମ୍ମାନ ଦିଆଯାଇଥିଲା। ଅମ୍ପାୟାର୍ ଭାବେ ରଞ୍ଜନ ମହାନ୍ତି, ସୁଧାଂଶୁ ଲେଙ୍କା, ଅଶୋକ ରାଉତ ଓ ସତ୍ୟ ସାବତ୍ ମ୍ୟାଚ୍ ପରିଚାଳନା କରିଥିଲା ବେଳେ ଡିଜିଟାଲ୍ ସ୍କୋର୍‌ର ଭାବେ ନିର୍ଜେକ ଘୋଷ ସହଯୋଗ କରିଥିଲେ। ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର କୁମାର ବାରିକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ ସମ୍ପାଦକ ଧୀରେନ୍ ପଲାଇ ଓ ବରିଷ୍ଠ କ୍ରିକେଟ୍‌ର ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ବିଜୟ କୁମାର ଲଖାନୀ ଓ ଭବତୋଷ ଦାସ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଜେନା, କେଭି ପ୍ରସାଦ, ଲକ୍ଷ୍ମୀଧର ଜେନା, ସଞ୍ଜୀବ ଦାସ ଓ ସୁଶୀଲ୍ ପଟ୍ଟନାୟକ ଉପସ୍ଥିତ ଥିଲେ।

